# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 October - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ପିଏମ୍‌ଶ୍ରୀ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟର ୪୫୦ଟି ବିଦ୍ୟାଳୟକୁ ସାମିଲ କରାଯିବ
- ଆର୍ଥିକ ଉନ୍ନତି ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ; କହିଲେ ରାଜ୍ୟପାଳ ରଘୁବର ଦାସ
- ଭଦ୍ରକ ଜିଲ୍ଲାରେ ଇଣ୍ଟରନେଟ୍ ସେବା ଆସନ୍ତାକାଲିଠାରୁ ସ୍ୱାଭାବିକ ହେବ; ପୁଲିସ୍ ମହାନିର୍ଦ୍ଦେଶକଙ୍କ ସୂଚନା
- ପୁରୀ ଜିଲ୍ଲା ପରିଷଦ ପକ୍ଷରୁ ୭୩୩ ଜଣ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ନିଯୁକ୍ତି ଦେବାପାଇଁ ନିଷ୍ପତ୍ତି

ଏବଂ

- 'ରକ୍ତଦାନ ମହତ୍ ଦାନ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

## ପିଏମ୍‌ଶ୍ରୀ ଯୋଜନା

ପିଏମ୍‌ଶ୍ରୀ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟର ୪୫୦ଟି ବିଦ୍ୟାଳୟକୁ ସାମିଲ କରାଯିବ। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ଅନୁମୋଦନ ଅନୁଯାୟୀ, ୨୪ ଟି ପ୍ରାଥମିକ, ୩୬୮ଟି ମାଧ୍ୟମିକ ଓ ୫୮ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ସାମିଲ କରାଯିବ। ପ୍ରତ୍ୟେକ ବିଦ୍ୟାଳୟର ବାର୍ଷିକ କାର୍ଯ୍ୟଖସଡା ଏବଂ ଆୟବ୍ୟୟ ଅଟକଳ ପ୍ରସ୍ତୁତ ନିମନ୍ତେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ରାଜ୍ୟରେ ପିଏମ୍‌ଶ୍ରୀ ଯୋଜନା ଲାଗୁ କରିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପିଏମ୍‌ଶ୍ରୀ ସ୍କୁଲଗୁଡ଼ିକ ଜାତୀୟ ଶିକ୍ଷାନୀତିକୁ ଶତପ୍ରତିଶତ କାର୍ଯ୍ୟକାରୀ କରିବା ସହ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦକ୍ଷତାବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ସାମିଲ ହେବାକୁ ଥିବା ୪୫୦ଟି ବିଦ୍ୟାଳୟ ପାଇଁ ଚଳିତ ଆର୍ଥିକବର୍ଷ ନିମନ୍ତେ ବଜେଟ୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବିଏମ୍‌ସି ସ୍ୱଚ୍ଛତା ଅଭିଯାନ-ରାଜ୍ୟପାଳ

ଭୁବନେଶ୍ୱର ମହାନଗର ନିଗମ-ବିଏମ୍‌ସି ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ରାଜ୍ୟପାଳ ରଘୁବର ଦାସ ସାମିଲ ହୋଇ ବିନ୍ଦୁସାଗର ସଫେଇ କାର୍ଯ୍ୟ କରିବା ସହିତ ଲୋକମାନଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ

କରାଇଥିଲେ। ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ କହିଛନ୍ତି, ବର୍ତ୍ତମାନ ଦେଶରେ ପରିବର୍ତ୍ତନର ସମୟ  ଆସିଛି। ଆର୍ଥିକ ଉନ୍ନତି ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି, ପରିବେଶକୁ ସଫା ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଗାନ୍ଧିଜୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ପୂରଣ କରିବା ଲାଗି ରାଜ୍ୟପାଳ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

## ଦିଲ୍ଲୀ ଗସ୍ତ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ନିବେଶକମାନଙ୍କ ସହ ଆଲୋଚନା କରିବେ। ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ପାଇଁ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କ ସହ ଆଲୋଚନା କରିବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟ ଶିଳ୍ପ ବିଭାଗର ଏକ ପ୍ରତିନିଧି ମଣ୍ଡଳୀ ମଧ୍ୟ ଦିଲ୍ଲୀ ଗସ୍ତ କରିବେ।

## ଭଦ୍ରକ-ପୁଲିସ୍ ମହାନିର୍ଦ୍ଦେଶକ

ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି। ବରିଷ୍ଠ ପୁଲିସ୍ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଖୁରାନିଆ

କହିଛନ୍ତି, ଭଦ୍ରକ ସହରରେ ସ୍ଥିତିରେ ଉନ୍ନତି ଆସିଛି ଏବଂ ଆସନ୍ତାକାଲିଠାରୁ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହେବ ।

# - V/O -

ଭଦ୍ରକରେ ଗତ ୩ ଦିନ ତଳେ ଦେଖାଦେଇଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ସାମିଲ ହୋଇଥିବା ଅଭିଯୋଗରେ ବର୍ତ୍ତମାନସୁଦ୍ଧା ୨୭ ଜଣଙ୍କୁ ଗିରଫ କରାଯାଇଛି । ଭଦ୍ରକ, ଧାମନଗର ଏବଂ ଏହାର ଆଖପାଖ ଅଂଚଳରେ ଧାରା ୧୬୩ ବଳବତ୍ତର ରହିଛି ।

## ଷ୍ଟାଣ୍ଡିଂ କମିଟି ଆଲୋଚନା-ପୁରୀ

ଗୃହ ବିଭାଗର ଷ୍ଟାଣ୍ଡିଂ କମିଟି ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀମନ୍ଦିର ସୁରକ୍ଷା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ନେଇ ବିସ୍ତୃତ ଆଲୋଚନା ହୋଇଛି । କମିଟି ଅଧ୍ୟକ୍ଷ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୨ ଜଣ ବିଧାୟକଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ । ଆଲୋଚନାକାଳରେ ଶ୍ରୀମନ୍ଦିରରେ ପୁଲିସ୍ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବୈଠକ ପରେ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ।

## ବସ୍‌ଭଡା-ଦିବ୍ୟାଙ୍ଗ

ଦିବ୍ୟାଙ୍ଗମାନଙ୍କ ପାଇଁ ବସ୍‌ରେ ୫୦ ପ୍ରତିଶତ ଭଡା ଛାଡ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ପରିଦର୍ଶନ କରିବା ଅବସରରେ ଏହା କହିଛନ୍ତି। ମନ୍ତ୍ରୀ ଶ୍ରୀ ମହାପାତ୍ର ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ ମିଳୁଥିବା ସୁବିଧା ବିଷୟରେ ଆଲୋଚନା କରିଥିଲେ। ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ପରେ ସେମାନଙ୍କ ପାଇଁ ନିର୍ଦ୍ଧାରିତ ୫୦ ପ୍ରତିଶତ ବସ୍‌ଭଡା ରିହାତି ନ ମିଳୁଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଉତ୍କଳିକା-ଉଦ୍‌ଘାଟିତ

କେନ୍ଦୁଝର ଜିଲ୍ଲାରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍- ଉତ୍କଳିକାର ପ୍ରଥମ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସମବାୟ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ବିକ୍ରୟ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍କଳିକାର ୯ଟି ଶାଖା ଏବଂ ରାଜ୍ୟ ବାହାରେ ୬ଟି ଶାଖା ରହିଛି। ଉତ୍ତର ଓଡ଼ିଶାର କାରିଗରମାନଙ୍କ ଶିଳ୍ପକୁ ପ୍ରାଧାନ୍ୟ ଦେଇ କେନ୍ଦୁଝର ଜିଲ୍ଲାରେ ଏହି ବିକ୍ରୟ କେନ୍ଦ୍ର ଖୋଲାଯାଇଛି।

## କନିଷ୍ଠ ଶିକ୍ଷକ ନିଯୁକ୍ତି

ପୁରୀ ଜିଲ୍ଲା ପରିଷଦ ପକ୍ଷରୁ ଚୁକ୍ତିଭିତ୍ତିକ ୭୩୩ ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଂସଦ ଡକ୍ଟର ସମ୍ବିତ୍ ପାତ୍ର,

ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ଜିଲାପାଳ ପ୍ରମୁଖ ଯୋଗଦେଇଥିଲେ। ଖାଲି ପଡିଥିବା ସ୍କୁଲଗୁଡ଼ିକରେ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନୁମୋଦନ ମିଳିଥିଲା।

## ସ୍ୱଚ୍ଛତା ହିଁ ସେବା

କଟକ ମହାନଗର ନିଗମ-ସିଏମ୍‌ସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମ ଓ ପ୍ଲାକାଥନକୁ  କଟକ ମେୟର ସୁବାଷ ସିଂ ଉଦ୍‌ଘାଟନ କରିଛନ୍ତି। କଟକ କଲେଜ ଛକ ନିକଟରେ ଥିବା ୱାଚ୍ ଟାୱାର ନିକଟରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅଭିଯାନରେ ମହାନଗର ନିଗମର ସମସ୍ତ ପଦାଧିକାରୀ, କର୍ପୋରେଟର, ଏନ୍‌ସିସି କ୍ୟାଡେଟ୍ ଓ ଜନସାଧାରଣ ସାମିଲ ହୋଇ ଏକ ଶୋଭାଯାତ୍ରାରେ  ବୋଟ୍‌କ୍ଲବ୍ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତେ ସ୍ୱଚ୍ଛତା ଶପଥପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଯାଇଥିଲା।

## ସ୍ୱଚ୍ଛତା ପକ୍ଷ ପାଳନ

**ବରଗଡ଼** ସହରରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଆଂଚଳିକ ପରିବହନ କାର୍ଯ୍ୟାଳୟ ଏବଂ ବରଗଡ଼ ଘରୋଇ ବସ୍‌ଷ୍ଟାଣ୍ଡ ମାଲିକ ସଂଘ

ପକ୍ଷରୁ ଜିଲ୍ଲା ମୁଖ୍ୟାଳୟରେ ଥିବା ଘରୋଇ ବସ୍‌ଷ୍ଟାଣ୍ଡ୍ ପରିସରରେ ଆୟୋଜିତ ସାମୁହିକ ସ୍ୱଚ୍ଛତା ଅଭିଯାନରେ ବିଧାୟକଙ୍କ ସମେତ ବରଗଡ଼ ପୌରାଧକ୍ଷା ଓ ସାଧାରଣ ଜନତା ସାମିଲ ହୋଇଥିଲେ।

## ସ୍ୱଚ୍ଛତା ହିଁ ସେବା

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କରାଯାଇଛି। ଭାରତ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ମୋ ଭାରତ ମାଲକାନଗିରି ଶାଖା, ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲା।

## ଖେଳ ଖବର

ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହେବାକୁ ଥିବା ବିସିସିଆଇ ୧୯ ବର୍ଷରୁ କମ୍ ବାଳକ ଦିନିକିଆ ବିନୁ ମଙ୍କଡ ଟ୍ରଫି ନିମନ୍ତେ ଓଡ଼ିଶା କ୍ରିକେଟ୍ ଆସୋସିଏନସ୍ ୧୭ ଜଣିଆ ଦଳ ଘୋଷଣା କରିଛି। ସମ୍ବିତ୍ କୁମାର ବେଜ୍ ଅଧିନାୟକ ଦାୟିତ୍ୱ ତୁଲାଇବେ।  ପି.ମୁଖିତ ଓ ଆକାଶ ମହାପାତ୍ର ୱିକେଟ୍ ରକ୍ଷକ ଭାବେ ଦଳରେ ସାମିଲ ହୋଇଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ଦଳ ଆସନ୍ତା ୪ ତାରିଖରେ ମିଜୋରାମ୍, ୭ ତାରିଖରେ ପଞ୍ଜାବ, ୮ ତାରିଖରେ ତାମିଲନାଡୁ, ୧୦ ତାରିଖରେ ତ୍ରିପୁରା ଓ ୧୨ ତାରିଖରେ ଜମ୍ମୁ-କାଶ୍ମୀର ବିପକ୍ଷରେ ମ୍ୟାଚ୍ ଖେଳିବ।

## ମୃତଦେହ ଉଦ୍ଧାର-ନରେନ୍ଦ୍ର ପୁଷ୍କରିଣୀ

ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଗାଧୋଉଥିବାବେଳେ ବୁଡିଯାଇ ମୃତ୍ୟୁ ହୋଇଥିବା ୨ ଜଣଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଥିବା ଦୁଇଜଣଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ। କୁମ୍ଭାରପଡା ଥାନା ପୁଲିସ୍ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

## ରକ୍ତଦାନ ଦିବସ

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଆଜି ପାଳନ କରାଯାଉଛି । ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡିକ ପାଇଁ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ପ୍ରଦାନ ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି । ରକ୍ତଦାନ, ମହତ ଦାନ’ ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସମସ୍ତ ରକ୍ତଦାତା ଏବଂ ଏଥିସହ ଜଡିତ ଅନୁଷ୍ଠାନଗୁଡିକ ଶୁଭେଚ୍ଛା ଜଣାଇଛନ୍ତି । ରକ୍ତର ଆବଶ୍ୟକତାକୁ ପୂରଣ କରିବା ଲାଗି ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନକୁ ବ୍ୟାପକ କରାଯିବା ଉପରେ ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଗୁରୁତ୍ୱାରୋପ କରିଛନ୍ତି ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ  ମହାଲିଙ୍ଗଙ୍କ ଶୁଭେଚ୍ଛା ବାର୍ତ୍ତାରେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅନ୍ୟର ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି ।  ଏହି ଦିବସ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲ୍‌ରେ ଆୟୋଜିତ ସଚେତନତା ପଦଯାତ୍ରାରେ ସାମିଲ ହୋଇ ରକ୍ତଦାନ ଶିବିର ଉଦ୍‌ଘାଟନ କରିଛନ୍ତି।

# ବରିଷ୍ଠ ନାଗରିକ ଦିବସ

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଆଜି ପାଳନ କରାଯାଉଛି । ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ  ଅକ୍ଟୋବର ପହିଲାରେ ସମଗ୍ର ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି । ଏହି କ୍ରମରେ **ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଯୋଗଦେଇ ବରିଷ୍ଠ ନାଗରିକ ଓ ସେମାନଙ୍କ ପ୍ରତି ସମାଜର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆଜି ସକାଳେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। **ନବରଙ୍ଗପୁର** ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ  ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇଥିଲେ।

ମିଶନଶକ୍ତି ଗୃହରେ ଅନୁଷ୍ଠିତ ସଚେତନତା ବୈଠକରେ ବରିଷ୍ଠ ନାଗରିକମାନଙ୍କୁ ବିଧାୟକ ମନୋହର ରନ୍ଧାରୀ ସମ୍ବର୍ଦ୍ଧିତ କରିବା ସହ ବରିଷ୍ଠ ନାଗରିକଙ୍କ ଅଧିକାର ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କହିଥିଲେ ।

*********************************